**ମାଓବାଦୀଙ୍କ ସ୍ତୂପରେ ନିର୍ବାଚନୀ ପୋଷ୍ଟର**

ମାଲକାନଗିରି,(ଡି.ଏନ୍.ଏ.): ମାଲକାନଗିରି ଜିଲାର ମାଓବାଦୀଙ୍କ ଗଡ଼ କୁହାଯାଉଥିବା ସ୍ୱାଭିମାନ ଅଞ୍ଚଳ, ମଟ୍ଟୁପଦର ଏବଂ କଲିମେଲା ବ୍ଲକର ଅନେକ ଅଞ୍ଚଳରେ ବର୍ତ୍ତମାନ ମାଓବାଦୀଙ୍କ ବଦଳରେ ଶୁଭୁଛି ନିର୍ବାଚନ ପ୍ରଚାରର ଧ୍ୱନି। ଗତ ଦିନରେ ଥିବା ମାଓବାଦୀ ଭୟ ଲୋକଙ୍କ ମନରୁ ଦୂର ହୋଇଛି। ଯେଉଁଠି ଦିନେ ମାଓବାଦୀମାନେ ସ୍ତୂପ ନିର୍ମାଣ କରିଥିଲେ, ସେହି ସ୍ତୂପକୁ ସାଧାରଣ ଲୋକେ ଛୁଇଁବାକୁ ଭୟ କରୁଥିଲେ ଏବେ ସେହି ସ୍ତୂପରେ ଲାଗିଛି ନିର୍ବାଚନୀ ପୋଷ୍ଟର ଓ ବ୍ୟାନର। ସ୍ୱାଭିମାନ ଅଞ୍ଚଳର ଅନେକ ମାଓବାଦୀଙ୍କ ଦ୍ୱାରା ନିର୍ମିତ ଲାଲ କୋଠାରେ ମଧ ଲାଗିଛି ନିର୍ବାଚନ ପ୍ରଚାରର ପୋଷ୍ଟର। ଏଥିରୁ ଲୋକଙ୍କ ମନରୁ ମାଓବାଦୀ ଭୟ ସମ୍ପୂର୍ଣ୍ଣ ଦୂର ହୋଇଥିବା ସ୍ପଷ୍ଟ କରିଛି। ସୂଚନାଯୋଗ୍ୟ, ସ୍ୱାଭିମାନ ଅଞ୍ଚଳରେ ଗୁରୁପ୍ରିୟା ସେତୁ ନିର୍ମାଣ ସହ ବିଏସ୍ଏଫ୍ କ୍ୟାମ୍ପ ପ୍ରତିଷ୍ଠା ମାଓବାଦୀଙ୍କ ପ୍ରାଦୁର୍ଭାବକୁ ଦୂର କରିଛି।

# ଟଙ୍କା ଫେରସ୍ତ ଦାବି: ୧୧ରେ ଆନ୍ଦୋଳନ

ମାଲକାନଗିରି,୯।୨ (ଡି.ଏନ୍.ଏ.)

ବିଭିନ୍ନ ଆର୍ଥିକ ସଂସ୍ଥା(ଚିଟ୍‌ଫଣ୍ଡ) ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଜମାକାରୀଙ୍କ ପକ୍ଷରୁ ଗଠିତ ମିଳିତ ମଞ୍ଚ ଅବିଭକ୍ତ କୋରାପୁଟ ଜିଲା କମିଟିର ବୁଧବାର ଏକ ବୈଠକ ଭର୍ଚୁଆଲ୍ ମୋଡ୍‌ରେ ଅନୁଷ୍ଠିତ ହୋଇଯାଇଛି। ଅବିଭକ୍ତ କୋରାପୁଟ ଜିଲା ସଂଯୋଜକ ପ୍ରଦୀପ ମହାରଣା ଅଧ୍ୟକ୍ଷତା କରିଥିଲେ। କ୍ଷତିଗ୍ରସ୍ତ ଜମାକାରୀ ସେମାନଙ୍କ ଟଙ୍କା ତୁରନ୍ତ ଫେରି ନ ପାଇଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଅନୁଷ୍ଠିତ ବୈଠକରେ ମାଲକାନଗିରି ଜିଲାର ୭ଟି ତହସିଲର ଜମାକାରୀ ପ୍ରତିନିଧିମାନେ ଯୋଗଦେଇ ପ୍ରତ୍ୟେକ ଜମାକାରୀଙ୍କୁ ଟଙ୍କା ଫେରସ୍ତ, ଯେଉଁ ଜମାକାରୀଙ୍କ ଚିହ୍ନଟ ଓ ତହସିଲ ଜରିଆରେ ଯାଞ୍ଚ ସରିଛି ସେମାନଙ୍କୁ ପଞ୍ଚାୟତ ନିର୍ବାଚନ ଫଳାଫଳ ଘୋଷଣାର ୭ଦିନ ମଧ୍ୟରେ ଟଙ୍କା ଫେରସ୍ତ କରିବାକୁ ଦାବି କରିଛନ୍ତି। ଯେଉଁ ଜମାକାରୀଙ୍କୁ ଚିହ୍ନଟ କରାଯାଇନାହିଁ ସେମାନଙ୍କ ଅର୍ଥଜମା

**ଚିଟ୍‌ଫଣ୍ଡ ଜମାକାରୀ ଏକାଠି**

ସମ୍ପର୍କିତ ପ୍ରମାଣପତ୍ରର ଯାଞ୍ଚ ତହସିଲ ଜରିଆରେ କରାଯାଇ ଏକ ମାସ ମଧ୍ୟରେ ଟଙ୍କା ଫେରସ୍ତ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ଏହାବ୍ୟତୀତ ସାହାରା ଗ୍ରୁପ୍ ଅଧୀନ ୪ଟି ମଲ୍ଟିଷ୍ଟେଟ୍ ସମବାୟ ମାଧ୍ୟମରେ ବିଭିନ୍ନ ସ୍କିମ୍‌ରେ ଜମାକାରୀ ଜମା କରିଥିବା ଅର୍ଥ ରାଶି ସୁଧ ସହ ଏକ ମାସ ମଧ୍ୟରେ ଫେରସ୍ତ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଚିଟ୍‌ଫଣ୍ଡ ଠକାମିରେ ଜଡ଼ିତ ସଂସ୍ଥାଗୁଡ଼ିକଠାରୁ ଜବତ ବ୍ୟାଙ୍କବାଲାନ୍ସ, ସୁନା, ରୁପା ମୋହର, କୋଠାବାଡ଼ି, ଜମିଜମା ସମ୍ପର୍କିତ ସବୁ ସମ୍ପତ୍ତିର ବିବରଣୀ ସର୍ବସାଧାରଣରେ ପ୍ରକାଶ ଦାବିରେ ଆସନ୍ତା ୧୧ତାରିଖରେ ଜିଲାର ସମସ୍ତ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ଯେଉଁ ଜମାକାରୀ ଯେଉଁ ତହସିଲ ଅଞ୍ଚଳର ସମ୍ପୃକ୍ତ ଜମାକାରୀ ସେହି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନରେ ସାମିଲ ହେବାକୁ କୁହାଯାଇଥିଲା। ବୈଠକରେ ରାଜ୍ୟ ସଭାପତି ଜୟନ୍ତ ଦାସ, ମୋଟୁ ତହସିଲ ମିଳିତ ମଞ୍ଚର ମଙ୍ଗଲ ସାନା, ରାଜୀବ ମଣ୍ଡଳ , ନବକିଶୋର ରାୟ,କାଲିମେଳା ମଞ୍ଚ ତରଫରୁ ଆଶିଷ ବିଶ୍ୱାସ, ଜଗଦୀଶ ବେପାରୀ, ପ୍ରଶାନ୍ତ ସର୍ଦ୍ଦାର, ମାଲକାନଗିରି ତହସିଲ ମିଳିତ ମଞ୍ଚରୁ ଅଖିଳ ତାପାଲି, ମାଧବ ବାଇନ, ଶୁକଦେବ ପଡିଆମୀ, ଭଗତ ଦୋରା, ମାଥିଲି ତହସିଲରୁ ସୁନାଧାର ବାକା, ମୁକୁନ୍ଦ ଗୁରୁତେଲି, ତ୍ରିନାଥ ଭୂମିୟା, ରମାକାନ୍ତ ବାକା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନିଖୋଜ ଶିକ୍ଷକ କୋଲକାତାରୁ ଉଦ୍ଧାର

ରାଇଘର, ୯।୨(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ରାଇଘର ଥାନା ଅଞ୍ଚଳରୁ ଶନିବାରରୁ ନିଖୋଜ ଥିବା ଶିକ୍ଷକ ନିଳାଞ୍ଚଳ ବେହେରାଙ୍କୁ କୋଲକାତାରୁ ଉଦ୍ଧାର କରାଯାଇଛି। ଏବେ ସେ କଟକରେ ନିଜ ପରିବାର ସହ ଅଛନ୍ତି। ଶିକ୍ଷକଙ୍କ ମାନସିକସ୍ଥିତି ଠିକ୍ ନାହିଁ, ଚିକିତ୍ସାପରେ ସେ ରାଇଘର ଫେରିବେ ବୋଲି ରାଇଘର ଥାନାଧିକାରୀ ଟଙ୍କଗିରି ଭୋଇ କହିଛନ୍ତି। ପ୍ରକାଶ ଯେ, ରାଇଘର ବ୍ଲକ ମହଣ୍ଡ ପଞ୍ଚାୟତ ଅଧୀନରେ ଥିବା ମହଣ୍ଡ ଟୋଲା ବିଦ୍ୟାଳୟର ଶିକ୍ଷକ ନିଳାଞ୍ଚଳ ବେହେରା ଶନିବାରରୁ ନିଖୋଜ ଥିଲେ। ଏ ନେଇ ସେ ଭଡା ରହୁଥିବା ଘରର ମାଲିକ ଦିଲ୍ଲୀପ ପଦାର ରାଇଘର ଥାନାରେ ଅଭିଯୋଗ କରିଥିଲେ। ବିଇଓ ଈଶ୍ୱର ଚନ୍ଦ୍ର ମାଝି ମଧ ଥାନାରେ ଏତଲା ଦେଇଥିଲେ। ପୋଲିସ ତଦନ୍ତ ଚଳାଇଥିବାବେଳେ ପରିବାର ଲୋକେ ଖୋଜାଖୋଜି କରୁଥିଲେ। ବୁଧବାର ଶିକ୍ଷକଙ୍କୁ କୋଲକାତାରୁ ଉଦ୍ଧାର କରାଯାଇଛି ବୋଲି ପୋଲିସ କହିଛି।

### ରେଳ ବିକାଶ ମଞ୍ଚର ଦାବିପତ୍ର

ଗୁଣପୁର,୯।୨(ଡି.ଏନ୍.ଏ.): ଗୁଣପୁର ଥେରୁବାଲି ରେଳପଥ ସଂଯୋଗୀକରଣସହ ୬ ଦଫା ଦାବି ନେଇ ରେଳ ବିକାଶ ମଞ୍ଚ ପକ୍ଷରୁ ବୁଧବାର ଭାଜପାର ଜାତୀୟ ସାଧାରଣ ସମ୍ପାଦକ ତଥା ଓଡିଶା ପ୍ରଭାରୀ ଡି.ପୁରନ୍ଦେଶ୍ୱରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଗୁଣପୁର-ଥେରୁବାଲି ରେଳପଥ ସଂଯୋଗ ଦିଗରେ କାର୍ଯ୍ୟ ତ୍ୱରାନ୍ୱିତ କରିବା, ଗୁଣପୁର ଷ୍ଟେସନରେ ପ୍ଲାଟଫର୍ମ ଉଚ୍ଚା କରିବା, ଦ୍ୱିତୀୟ ପ୍ଲାଟଫର୍ମ ନିର୍ମାଣ, ପଲାସା-ଗୁଣପୁର ପଲାସାଟ୍ରେନ ପୁଣି ଚଳାଚଳ, ଭୁବନେଶ୍ୱର-ପଲାସା ମେମୁ ଟ୍ରେନକୁ ଗୁଣପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ, ରାଜ୍ୟରାଣୀ ଏକ୍ସପ୍ରେସ୍ ଦୈନିକ ଚଳାଚଳ କରିବାକୁ ଦାବି ହୋଇଛି। ଦାବିପତ୍ର ପ୍ରଦାନବେଳେ ରେଳ ବିକାଶ ମଞ୍ଚ ଆବାହକ ଜଗଦିଶ ସାହୁ, ପ୍ରଭାତ ମହାପାତ୍ର, ପ୍ରଦୀପ ନାୟକ, ବୃନ୍ଦାବନ ଶବର, ଏମ୍.ଜଗଦୀଶ ପ୍ରମୁଖ ଉପସ୍ଥିତ ଥିଲେ।

### ଜବରଦଖଲ ଉଚ୍ଛେଦ

ଗୁଣପୁର,୯।୨(ଡି.ଏନ୍.ଏ.): ରାୟଗଡା ଜିଲା ଗୁଣପୁର ସହର ଅସ୍ଥାୟୀ କଲୋନୀ ଅଞ୍ଚଳରେ ତହସିଲ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଜବର ଦଖଲ ଉଚ୍ଛେଦ କରାଯାଇଛି। ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହିସଲଦାର ଶରତ ଚନ୍ଦ୍ର ନାୟକ ଏବଂ ପୋଲିସ ଉପସ୍ଥିତିରେ ଏହି କାର୍ଯ୍ୟ କରାଯାଇଛି। ଝୁପୁଡି ସହ ଖାଲିଘରଗୁଡିକୁ ଭଙ୍ଗା ଯାଇଥିଲା। ଯେଉଁମାନେ ଘର କରି ଅଛନ୍ତି ସେମାନଙ୍କୁ ଗୋଟିଏ ଦିନ ମହଲତ ଦିଆଯାଇଛି। ସେମାନେ ନିଜେ ନ ହଟିଲେ ସେମାନଙ୍କ ଘରଗୁଡିକ ମଧ ଭାଙ୍ଗି ଦିଆଯିବ ବୋଲି ତହିସଲ ପକ୍ଷରୁ ଚେତାବନୀ ଦିଆଯାଇଛି।

### ତରମାଳରେ ପୁଣି ହାତୀ ପଲ

ଗୁଣପୁର,୯।୨(ଡି.ଏନ୍.ଏ.): ରାୟଗଡା ଜିଲା ଗୁଣପୁର ବ୍ଲକ ଘନାନ୍ତ୍ରୀ ପଞ୍ଚାୟତ ତରାମାଳ ଗାଁ ନିକଟରେ ବୁଧବାର ପୁଣି ହାତୀ ପଲ ଦେଖା ଦେଇଛନ୍ତି। ଗ୍ରାମବାସୀ ଏବେ ଭୟରେ। ଗତ ଏକ ମାସ ହେବ ତରମାଳ ସହ ଝୁମ୍ପାପୁର ଅଞ୍ଚଳରେ ହାତି ପଲ ଯୋଗୁ ସେହି ଅଞ୍ଚଳରମାନଙ୍କରେ ଭୟର ବାତାବରଣ ରହିଛି। ବନ ବିଭାଗ ହାତୀ ଘୋଉଡାଇବା ପାଇଁ ଉଚିତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଦାବି ହୋଇଛି। ଗତ ୫ରେ ତରମାଳ ଗ୍ରାମର ଯୋଗବନ୍ଧୁ ଶବର ହାତୀ ଆକ୍ରମର ଶୀକାର ହୋଇଥିଲେ। ସେହି ଅଞ୍ଚଳରେ ହାତୀ ରହିଥିବା ଯୋଗୁ ଲୋକମାନେ ଜଙ୍ଗଲକୁ ଯିବାକୁ ନଦୀନାଳକୁ ଗାଧେଇବାକୁ ଯିବାକୁ ଭୟ କରୁଛନ୍ତି।

# ଦୁର୍ଘଟଣାଗ୍ରସ୍ତଙ୍କୁ ଗାଡ଼ିରେ ଡାକ୍ତରଖାନା ନେଲେ ବିଡିଓ

କୋରୁକୋଣ୍ଡା,୯।୨(ଡି.ଏନ.ଏ.)

ମାଲକାନଗିରିରୁ କୋରୁକୋଣ୍ଡାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ସୁଳିଆ ପାହାଡ ନିକଟରେ ଭାରସାମ୍ୟ ହରାଇ ଜଣେ ସ୍କୁଟିଚାଳକ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା ପାର୍ଶ୍ୱରେ ପଡିରହିଥିଲେଗ। ସେହି ସମୟର ଉକ୍ତ ରାସ୍ତାରେ ଯାଉଥିବା ବିଡିଓ ଅଂଶୁମାନ ମହାପାତ୍ର ଅଟକି ସମ୍ପୃକ୍ତ ବ୍ୟକ୍ତିଙ୍କୁ ନିଜ ଗାଡିରେ ଡାକ୍ତରଖାନା ନେଇଥିଲେ। ଖବରରୁ ଜଣାପଡିଛି ସୁଳିଆ ପାହାଡ ନିକଟରେ ଭାରସାମ୍ୟ ହରାଇ ସମ୍ପୃକ୍ତ ବ୍ୟକ୍ତି ଜଣକ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ସେଠାରେ ଜମା ହୋଇଥିଲେ ମଧ କେହି ତାଙ୍କୁ ଡାକ୍ତରଖାନା ପଠାଇ ନ ଥିଲେ। ସମସ୍ତେ ଆମ୍ବୁଲାନ୍ସକୁ ଅପେକ୍ଷା କରିଥିଲେ। ସେହି ସମୟରେ ବିଡିଓ ମହାପାତ୍ର , ରାଜସ୍ୱ ସହାୟକ ପ୍ରଦୀପ ସୁନା ଓ କମ୍ପ୍ୟୁଟର ପ୍ରୋଗ୍ରାମର ଅଧିକାରୀ ସତ୍ୟ ନାରାୟଣ ଦାସ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିବାକୁ ଏହି ରାସ୍ତା



ଦେଇ ଯାଉଥିଲେ। ରାସ୍ତା ପାର୍ଶ୍ୱରେ ଲୋକଙ୍କ ଗହଳି ଦେଖି ସମସ୍ତେ ଅଟକି ଥିଲେ । ବିଡିଓ ଆମ୍ବୁଲାନ୍ସକୁ ଅପେକ୍ଷା ନ କରି ନିଜ ଗାଡିରେ ଆହତ ବ୍ୟକ୍ତିଙ୍କୁ ତୁରନ୍ତ କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଦୁର୍ଘଟଣା ସମ୍ପର୍କରେ ମାଲକାନଗିରି ଥାନାକୁ ଅବଗତ କରାଇଥିଲେ। ଆହତ ବ୍ୟକ୍ତିଙ୍କ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବିଡିଓଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି।

### ରକ୍ତଦେଇ ରୋଗୀଙ୍କ ଜୀବନ ବଞ୍ଚାଇଲେ ଏସ୍ଆଇ

ଜୟପୁର, ୯।୨(ନି.ପ୍ର.): ଜୟପୁରସ୍ଥିତ ଜିଲା ଚିକିତ୍ସାଳୟରେ ରାଜେଶ୍ୱର ବିଷୋୟୀ ଜଣ୍ଡିସ ଓ ସିକଲ ସେଲ ରୋଗରେ ପଡିତ ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କର ଓ ପଜିଟିଭ ରକ୍ତ ଦରକାର ପଡିବାରୁ ଲିମା ଗ୍ରାମରେ ରହୁଥିବା ତାଙ୍କ ଭଣଜା ଆଲୋକ ବିଷୋୟୀ ଟାଉନଥାନାକୁ ଆସି ପୋଲିସକୁ ରକ୍ତ ଦେବାପାଇଁ ଅନୁରୋଧ କରିଥିଲେ। ଏହା ଶୁଣି ଥାନାର ଯୁବ ଏସଆଇ ସିଦ୍ଧାନ୍ତ କୁମାର ବେହେରା ତୁରନ୍ତ ଡାକ୍ତରଖାନାରେ ପହଞ୍ଚି ରାଜେଶ୍ୱରଙ୍କୁ ରକ୍ତଦାନ କରିଥିଲେ। ବର୍ତ୍ତମାନ ରାଜେଶ୍ୱରଙ୍କ ଅବସ୍ଥା ସ୍ଥିର ରହିଛି । ମାନବିକାତା ଦେଖାଇ ଏସଆଇ ବେହେରାଙ୍କ ଏତାଦୃଶ କାର୍ଯ୍ୟକୁ ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ପ୍ରମୁଖ ପ୍ରଶଂସା କରିଛନ୍ତି।



କୋରାପୁଟ ସହରରେ ପୋଲିସ ପକ୍ଷରୁ ଚାଲିଥିବା ଫ୍ଲାଗ ମାର୍ଚ୍ଚ।

# ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନେଇ ଫ୍ଲାଗ ମାର୍ଚ୍ଚ

କୋରାପୁଟ, ୯।୨(ସ୍ୱ.ପ୍ର.)

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନେଇ ବୁଧବାର କୋରାପୁଟ ପୋଲିସ ପକ୍ଷରୁ ସହରରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଟାଉନ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଏବଂ ଏସଡିପିଓ ମନୋଜ ପୂଜାହାରୀଙ୍କ ତତ୍ତ୍ୱବଧାନରେ କରାଯାଇଥିବା ଏହି ଫ୍ଲାଗମାର୍ଚ୍ଚରେ ଟାଉନଥାନା, ସଦରଥାନାର ସମସ୍ତ ପୋଲିସ, ଆଇଆରବିଏନ ଯବାନମାନେ ସାମିଲ ହୋଇଥିଲେ। ସେମାନେ ଟାଉନ ଥାନାରୁ ବାହାରି ସହରର ପୋଷ୍ଟ ଅଫିସ ଲାଇନ, ଜୟପୁର ରୋଡ, ବିଶ୍ୱାସ ମାର୍କେଟ ରୋଡ, ଅମଲାକୁଟିର ରୋଡ, ବସଷ୍ଟାଣ୍ଡ ଅଞ୍ଚଳରେ ଫ୍ଲାଗ ମାର୍ଚ୍ଚ କରି ଲୋକଙ୍କୁ ଭୟଭୀତ ନ ହୋଇ ମତଦାନ ସାବ୍ୟସ୍ତ କରିବାକୁ ସଚେତନ କରିଥିଲେ।

# କାରାଗାର ପରିଦର୍ଶନ କମିଟିର ମଣ୍ଡଳ କାରାଗାର ପରିଦର୍ଶନ

କୋରାପୁଟ,୯।୨(ସ୍ୱ.ପ୍ର.)

କୋରାପୁଟ ମଣ୍ଡଳ କାରାଗାରକୁ ବୁଧବାର କାରାଗାର ପରିଦର୍ଶନ କମିଟି ସଦସ୍ୟମାନେ ପରିଦର୍ଶନ କରିଛନ୍ତି। ଏହି ସମୟରେ ସେମାନେ ଅନ୍ତେବାସୀଙ୍କୁ ଠିକ ରୂପେ ମୌଳିକ ସୁବିଧା ମିଳୁଛି କି ନାହିଁ ଅନୁଧ୍ୟାନ କରିଥିଲେ। ଅନ୍ତେବାସୀଙ୍କ ଖାଦ୍ୟ, ସ୍ୱାସ୍ଥ୍ୟ , ପାନୀୟ ଜଳ, ସ୍ୱଚ୍ଛତା ଆଦି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। କମିଟିରେ ଏକତା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଦୁର୍ଗା ପ୍ରସାଦ ମହାନ୍ତି , ଆଇନଜୀବୀ ରମେଶ କୁଅଁର, ସାମାଜିକ କର୍ମୀ ଲଳିତ ମୋହନ ପଟ୍ଟନାୟକ, ଖବରଦାତା ଘନଶ୍ୟାମ ରଥ ପ୍ରମୁଖ ୪ ଜଣିଆ ଦଳ କାରାଗାର ପରିଦର୍ଶନ କରିଥିବା ଜଣାଯାଇଛି। କାରାଧକ୍ଷ ବୀରେନ୍ଦ୍ର ମହାଲିଙ୍କ ସହ କର୍ମଚାରୀମାନେ ଉପସ୍ଥିତ ଥିଲେ ।

### ଏମ୍‌ଭି-୭ରେ ମନ୍ଦିର ନିର୍ମାଣ ନେଇ ପ୍ରସ୍ତୁତି



ମାଲକାନଗିରି,୯।୨ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଏମ୍‌ଭି-୭ ଗ୍ରାମରେ ମତୁଆ ଧର୍ମାବଲମ୍ବୀଙ୍କ ହରି ମନ୍ଦିର ନିର୍ମାଣ ପାଇଁ ବୁଧବାର ଶୁଭଖୁଣ୍ଟି ସ୍ଥାପନ ଓ ଭୂମିପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଲକାନଗିରି ଜିଲା ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ଦୁର୍ଗାପ୍ରସାଦ ତ୍ରିପାଠୀ ମୁଖ୍ୟ ଅତିଥି ରୂପେ ଉପସ୍ଥିତ ଥିଲେ। ମତୁଆ ସମ୍ପ୍ରଦାୟର ସଭାପତି ଅଶୋକ ହାଲ୍‌ଦାର, ଗୋସାଇଁ ରବିନ ବିଶ୍ୱାସ, ବିଜେଡି କର୍ମୀ ତପନ ଶାନା, ଅମିତ ମାଲି, ଆଧାର ବିଶ୍ୱାସ, ଜିଲା ଛାତ୍ର ଜନତା ଆଇଟି କୋର୍ଡିନେଟର ସୁନୀଲ ସାହୁ, ମତୁଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ବୃଦ୍ଧ ଗିରଫ

ଲକ୍ଷ୍ମୀପୁର,୯।୨(ସ୍ୱ.ପ୍ର.)

ଲକ୍ଷ୍ମୀପୁର ବ୍ଲକର ଓଡ଼ିଆପେଣ୍ଟ ଗ୍ରାମରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଜଣେ ବୃଦ୍ଧ ଗିରଫ ହୋଇଛନ୍ତି। ତାଙ୍କ ନାମ ବାଲ୍ମୀକି ମାର୍ଥା (୬୦)। ଖବରରୁ ଜଣାପଡ଼ିଛି ଗତ ୮ତାରିଖରେ ଗ୍ରାମର ଏହି ୬ବର୍ଷର ବାଳିକାଙ୍କୁ ବାଲ୍ମୀକି ବିଭିନ୍ନ ପ୍ରଲୋଭନ ଦେଖାଇ ଡାକିନେଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ଅବସ୍ଥା ଗୁରୁତର ହେବାରୁ ଝିଅକୁ ପଚରାଉଚରା କରି ମାଆ ଏନେଇ ଲକ୍ଷ୍ମୀପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ. ୧୬/୨୨ରେ ମାମଲା ରୁଜୁକରି ପୀଡ଼ିତା ଓ ଡାକ୍ତରୀ ମାଇନା କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଶ୍ୱେତପଦ୍ମା ସେଠ କହିଛନ୍ତି।

### ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ସୁନାବେଡ଼ା, ୯।୨(ସ୍ୱ. ପ୍ର.)

ସୁନାବେଡ଼ା ପୌର ପରିଷଦ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ଦଣ୍ଡସେନାଙ୍କୁ ସେମିଳିଗୁଡ଼ାର ଅଧିକାର ସାମାଜିକ ସଂସ୍ଥା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଂସ୍ଥା ସଭାପତି ଡ. ଚିତ୍ତରଞ୍ଜନ ମିଶ୍ର, ସାଧାରଣ ସମ୍ପାଦିକା ଆଶାରାଣୀ ଶର୍ମା, ଉପସଭାପତି ଗଣେଶ ଚନ୍ଦ୍ର ସାହୁ, ସାଙ୍ଗଠନିକ ସମ୍ପାଦକ ଆନନ୍ଦ ମୌଳି ପଟ୍ଟନାୟକ, ସ୍ନିଗ୍ଧାରାଣୀ ମିଶ୍ର ଓ ଶ୍ରୀ ଦୁର୍ଗା ପ୍ରସାଦ ପାତ୍ର ଉପସ୍ଥିତ ଥିଲେ। ପୌର ପରିଷଦର ବିଭିନ୍ନ ସମସ୍ୟା ସମ୍ପର୍କରେ କର୍ମକର୍ତ୍ତାମାନେ କାର୍ଯ୍ୟନିର୍ବାହୀ ଅଧିକାରୀ ଦଣ୍ଡସେନାଙ୍କ ସହ ଆଲୋଚନା କରିଥିଲେ।

# ହିନ୍ଦୀ, ତେଲୁଗୁରେ ପ୍ରଚାରକଲେ ପୁରନ୍ଦେଶ୍ୱରୀ

ରାୟଗଡ଼ା ଅଫିସ/ଗୁଣପୁର, ୯।୨(ଡି.ଏନ୍.ଏ.)

ଆଗାମୀ ପଞ୍ଚାୟତ ନିର୍ବାଚନରେ ଭାଜପା ପ୍ରାର୍ଥୀଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ରାୟଗଡ଼ା ଜିଲାରେ ୨ଦିନ ଧରି ପ୍ରଚାର କରିଛନ୍ତି ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦିକା ତଥା ଓଡ଼ିଶା ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ। ମଙ୍ଗଳବାର ଜିଲାର କେନ୍ଦୁଗୁଡ଼ା, ରାମନାଗୁଡ଼ା, ମୁକୁନ୍ଦପୁର, କୋଲନରା, ଜେକେପୁରରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ବୁଧବାର ସକାଳେ ରାୟଗଡ଼ାସ୍ଥିତ ହୋଟେଲ ତେଜସ୍ୱୀଠାରେ ନଗର ଭାଜପା କାର୍ଯ୍ୟକର୍ତ୍ତାଙ୍କ ସହ ନିର୍ବାଚନ ବିଷୟରେ ଆଲୋଚନା କରିଥିଲେ। ପରେ ଜିଲାର ଅଧିଷ୍ଠାତ୍ରୀ ଦେବୀ ମାଁ ମଝିଘରିଆଣୀଙ୍କ ଦର୍ଶନ ସାରି ଗୁଣପୁର ଅଭିମୁଖେ ବାହାରିଥିଲେ। ଏହି ସମୟରେ ଜିଲା ଭାଜପା ସଭାପତି ଶିବ ପଟ୍ଟନାୟକଙ୍କ ସମେତ ଦଳୀୟ ନେତା ବସନ୍ତ ଉଲାକା, ଶ୍ୟାମ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଗୁଣପୁରରେ ପହଞ୍ଚିବା ପରେ ତାଙ୍କୁ ମୋଟର ସାଇକେଲ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ପରେ ଶ୍ରୀ ସତ୍ୟ ରେସିଡେନ୍ସିଠାରେ ଆୟୋଜିତ ଦଳୀୟ ବୈଠକରେ ଯୋଗଦେଇଥିଲେ।



ପୁରନ୍ଦେଶ୍ୱରୀ କର୍ମୀମାନଙ୍କୁ ମାର୍ଗଦର୍ଶନ କରୁଛନ୍ତି।

**ସରିଲା ୨ଦିନିଆ ରାୟଗଡ଼ା ଜିଲା ଗସ୍ତ**

ଏଥିରେ ରାଜ୍ୟ ସରକାରଙ୍କ ବିଫଳତା ଉପରେ ସେ ପ୍ରବଳ ବର୍ଷିଥିଲେ। ଆଇନ ଶୃଙ୍ଖଳାଠାରୁ ଆରମ୍ଭକରି ନାରୀ ନିର୍ଯାତନା, ବିଭିନ୍ନ ଯୋଜନାରେ ବିଜେଡି ନେତାଙ୍କ ସହ ପ୍ରଶାସନର ମିଳିତ ଦୁର୍ନୀତି ଚାଲିଥିବା ନେଇ ଅଭିଯୋଗ କରିଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ସଫଳତା ସହ ବିଭିନ୍ନ ଜନ କଲ୍ୟାଣ ଯୋଜନା ବିଷୟରେ କହିଥିଲେ। ପରେ ରେଗେଡ଼ାଠାରେ ପଥପ୍ରାନ୍ତ ସଭା ହୋଇଥିଲା। ଏଠାରେ ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଭୋଟରଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ଭାଜପାର ରାଜ୍ୟ ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତି, ଜିଲା ସଭାପତି, ଜିଲା ପ୍ରଭାରୀ ଗୋବିନ୍ଦ ଜୈନ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିସହ ଜିଲା ଉପସଭାପତି ୱାଇ.ଗଣପତି, ଉଦୟ ପାଢ଼ୀ, ଜିଲା ସାଧାରଣ ସମ୍ପାଦକ ହରେକୃଷ୍ଣ ପାଢ଼ୀ, ନଗର ସଭାପତି ଶ୍ରୀନିବାସ ସ୍ୱାଇଁ, ଜଗନ୍ନାଥପୁର ମଣ୍ଡଳ ସଭାପତି ପୃଥ୍ୱୀରାଜ ପାଢ଼ୀ, ଭାଜପା ଗୁଣପୁର 'କ' ଜୋନ୍‌ର ଜିଲା ପରିଷଦ ପ୍ରାର୍ଥୀ ଶ୍ରୀଧର ଶବର, 'ଖ' ଜୋନ୍ ପ୍ରାର୍ଥୀ ସଞ୍ଜୁ ତଇକା, ରାମନାଗୁଡ଼ା 'କ' ଜୋନ୍‌ର ବୃନ୍ଦାବନ ସେନାପତି, 'ଖ' ଜୋନ୍‌ର ବନମାଳି ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ପୁରନ୍ଦେଶ୍ୱରୀ ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍.ଟି. ରାମାରାଓଙ୍କ ଝିଅ। ରାୟଗଡ଼ା ଜିଲା ଏବଂ ଗୁଣପୁର ଅଞ୍ଚଳରେ ତେଲୁଗୁ ସମ୍ପ୍ରଦାୟର ଲୋକଙ୍କ ସଂଖ୍ୟା ଅଧିକ। ତେଣୁ ସେ ଉଭୟ ତେଲୁଗୁ ଓ ହିନ୍ଦୀ ଭାଷାରେ ପ୍ରଚାର କରିଥିଲେ । ତେବେ ପୁରନ୍ଦେଶ୍ୱରୀଙ୍କ ପ୍ରଚାର ତେଲୁଗୁ ସମ୍ପ୍ରଦାୟର ଭୋଟରଙ୍କୁ କେତେ ପ୍ରଭାବିତ କରୁଛି ତାହା ନିର୍ବାଚନ ଫଳାଫଳ କହିବ।

# ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ପ୍ରଚାରକଲେ ଏମ୍‌ପି

ଚନ୍ଦ୍ରପୁର,୯।୨(ଡି.ଏନ୍.ଏ.)

କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକରେ ଜିଲା ପରିଷଦ ପ୍ରାର୍ଥୀ ବିଜୟ ପ୍ରସାଦ ଉଲାକାଙ୍କ ପାଇଁ ପ୍ରଚାର କରିଛନ୍ତି। ମଙ୍ଗଳବାର ସେ ସଦର ପଞ୍ଚାୟତ ସମେତ ଡାଙ୍ଗସୋରଡ଼ା, ହନୁମନ୍ତପୁର, ବିଜାପୁର ପଞ୍ଚାୟତରେ ଘରକୁ ଘର ଯାଇ ଅଞ୍ଚଳର ବିକାଶ ପାଇଁ ବିଜୟଙ୍କୁ ଭୋଟ ଦେବା ଲାଗି ନିବେଦନ କରିଛନ୍ତି। ଏହି ଅବସରରେ ଦୁର୍ଗମ ଅଞ୍ଚଳରେ ଟେଲିଫୋନ୍ ସେବା, ଆମ୍ବୁଲାନ୍ସ ସେବା ଅପହଞ୍ଚ, ଗରିବ ଲୋକଙ୍କ ପାଖରେ ଆବାସ ନ ପହଞ୍ଚିବା, ପାନୀୟ ଜଳ ଓ ଜଳସେଚନ ସମସ୍ୟା ରହିଥିବା ନେଇ ଅଞ୍ଚଳବାସୀ ଏମ୍‌ପିଙ୍କୁ ଅବଗତ କରାଇଥିଲେ। ଅଞ୍ଚଳବାସୀ ମୌଳିକ ସୁବିଧାରୁ ବଞ୍ଚିତ ଥିବା ବିଜାପୁରର ପୂର୍ବତନ ସରପଞ୍ଚ ଚନ୍ଦ୍ରଶେଖର ଦଣ୍ଡସେନା, କଂଗ୍ରେସ କର୍ମୀ ହାଡ଼ିବନ୍ଧୁ ପ୍ରଧାନୀ କହିଥିଲେ। ପ୍ରଚାରବେଳେ ଏମ୍‌ପିଙ୍କ ସହ ତାଙ୍କର ଚନ୍ଦ୍ରପୁର ବ୍ଲକ ପ୍ରତିନିଧି ଭୀମ ଗଗେରଙ୍ଗା, ଜିଲା ପରିଷଦ ପ୍ରାର୍ଥୀ, ବିଜାପୁର ସରପଞ୍ଚ ଗାହି ଅନ୍ଦନାକା, ପୂର୍ବତନ ଜିଲା ପରିଷଦ ସଭ୍ୟା ସରସ୍ୱତୀ ମାଳବିଶୋଇ, ଜିଲା କଂଗ୍ରେସ କମିଟିର ସମ୍ପାଦକ ଶଙ୍କର୍ଷଣ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରଚାର ପାଇଁ ବାହାରିଥିବା ଏମ୍‌ପି ଓ ଜିଲାପରିଷଦ ପ୍ରାର୍ଥୀ।

### ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ଫେରାର ଅଭିଯୁକ୍ତ ଗିରଫ

ଜୟପୁର,୯।୨(ନି.ପ୍ର.)

ଏକ ଗଞ୍ଜେଇ ଚୋରାଚାଲାଣ ମାମଲାରେ ଫେରାର ଅଭିଯୁକ୍ତଙ୍କୁ ବୁଧବାର ଜୟପୁର ସଦର ପୋଲିସ ଗିରଫ କରିଛି। ସେ ହେଲେ ଏକମ୍ବା ଗ୍ରାମର ଲଳିତ ହରିଜନ। ବୋଲେରୋରେ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ପୋଲିସ ୪।୪।୨୧ରେ ଜୟପୁର ଘାଟିର ଶିବମନ୍ଦିର ନିକଟରେ ଚଢ଼ାଉ କରି ୧୩୪୪ କେଜି ଗଞ୍ଜେଇ ଜବତ କରିଥିଲା। ସେଠାରୁ ଲଳିତ କୌଶଳକ୍ରମେ ପୋଲିସକୁ ଚକ୍‌ମା ଦେଇ ଫେରାର ହୋଇଯାଇଥିଲେ। ଏକମ୍ବା ଗ୍ରାମକୁ ଲଳିତ ଆସିଥିବା ଖବରପାଇ ତାଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

### ମନ୍ଦିରର ବାର୍ଷିକୋତ୍ସବ

ଦାମନଯୋଡି,୯।୨(ଡି.ଏନ୍.ଏ.)

ସ୍ଥାନୀୟ ଭେଜାପୁଟ ମାର୍କେଟସ୍ଥିତ ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିରର ୨୫ତମ ବାର୍ଷିକୋତ୍ସବ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ରୁଦ୍ରାଭିଷେକ, ହୋମ, ଚାରିପ୍ରହର ନାମଯଜ୍ଞ ପ୍ରଭୃତି ନୀତି ହୋଇଥିଲା। ପୂଜକ କୁମାର ଦାଶ ଓ ସନ୍ତୋଷ ଦାଶ ପୂଜାନୀତି କରିଥିଲେ। ସପତ୍ନୀକ ହରିବନ୍ଧୁ ବିଶ୍ୱାଳ ଓ ପ୍ରଭୁଚରଣ ସାହୁ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ମନ୍ଦିର କମିଟିର ସରୋଜ ସ୍ୱାଇଁ, ଉପେନ୍ଦ୍ର ପାଣିଗ୍ରାହୀ, ସିଦ୍ଧେଶ୍ୱର ବଣିକ ସଂଘର ବାବୁଲି ସ୍ୱାଇଁ, ସୌଭାଗ୍ୟ ବହ୍ରିଆ,ଦେବେନ୍ଦ୍ର ଦାଶଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।

# ମହିଳା ସାକ୍ଷର ହେଲେ ଅନ୍ଧବିଶ୍ୱାସ ହଟିବ: ବନୀତା

ନବରଙ୍ଗପୁର, ୯।୨(ବି.ପ୍ର.)

ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ବିଜେତା ନବରଙ୍ଗପୁରର ବନିତା ଦାସଙ୍କୁ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଓ ସିଆରପିଏଫ୍ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ପଞ୍ଚାୟତ ସାଧନା କେନ୍ଦ୍ରରେ ଆକ୍ସନଏଡ୍‌ର ଘାସିରାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ସନ୍ଧ୍ୟାବତୀ ପ୍ରଧାନ, ଜିଲାପାଳ ଡଃ. କୋମଳ ଲୋଚନ ମିଶ୍ର, ଏସ୍‌ପି ପି.ଏସ୍.ପରଷୋତ୍ତମ ଦାସ, ସିଆରପିଏଫ କମାଣ୍ଡାଣ୍ଟ ଏନ୍.ରତନ କୁମାର ସିଂ, ସମ୍ବର୍ଦ୍ଧନା ଶିଶୁ ସୁରକ୍ଷା ଆୟୋଗ ସଭ୍ୟା ଦିବ୍ୟା ସରସ୍ୱତୀ, ବନିତାଙ୍କ ବାପା ବନ ବିହାରୀ ଦାସ ଓ ମା' ଅନୀତା ଯୋଗ ଦେଇଥିଲେ। ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପାଇ ବନିତା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ବୋଲି ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା କହିଥିଲେ।

ବନିତା ନୂତନ ଗ୍ରହ ଆବିଷ୍କାରଠାରୁ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ଅନୁଭୂତିକୁ




ବନିତା ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପାଇଥିବା ବନୀତାଙ୍କୁ ନବରଙ୍ଗପୁରରେ ସମ୍ବର୍ଦ୍ଧନା**

ବାଣ୍ଟିଥିଲେ। ସେ ଯେଉଁ ଗ୍ରହ ଆବିଷ୍କାର କରିଛନ୍ତି ୬ ବର୍ଷ ପରେ ସେ ନିଜେ ସେହି ଗ୍ରହର ନାମକରଣ କରିପାରିବେ ବୋଲି କହିଥିଲେ। ଉଲ୍‌କାପିଣ୍ଡକୁ ନେଇ ଏକ ବଡ ଧରଣର ବିପଦ ଆସୁଥିବା ଏବଂ ଏହା ଉପରେ ଅଧିକ ଗବେଷଣର ଆବଶ୍ୟକତା ଅଛି। ବିଶ୍ୱରେ ସେହି ଅନୁପାତରେ ମହାକାଶ ବୈଜ୍ଞାନିକ ଅଭାବ ଥିବାରୁ ନାସା ପକ୍ଷରୁ ଏଥିପାଇଁ ସ୍କୁଲ ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଇଛି। ଏହାର ସୁଯୋଗ ନେବା ପାଇଁ ବନୀତା ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଛନ୍ତି। ପରିବେଷ ପ୍ରଦୁଷଣ ରୋକିବା ପାଇଁ ବ୍ୟବହୃତ ପ୍ଲାଷ୍ଟିକର ପୁନଃ ବ୍ୟବହାର ହୋଇପାରିବ ସେ ନେଇ ଉଦ୍ୟମ ଚାଲୁ ରଖିଛନ୍ତି। କେବଳ ଗ୍ରହ ଆବିଷ୍କାର ନୁହେଁ ପୂର୍ବରୁ ସେ ଆବିଷ୍କାର କରିଥିବା ସ୍ୱୟଂ ଚାଳିତ ସାନିଟାଇଜ୍ ସ୍କୁଲବ୍ୟାଗକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିବା କଥା କହିଥିଲେ। ଜିଲାରେ ମହିଳା ସାକ୍ଷରତା ବଢିଲେ ଅନ୍ଧବିଶ୍ୱାସ ହଟି ଜିଲାର ବିକାଶ ହୋଇପାରିବ ବୋଲି ସେ କହିଛନ୍ତି। ନବରଙ୍ଗପୁର ଜିଲାରେ ପ୍ଲାନେଟୋରିୟମ, ବିଜ୍ଞାନକେନ୍ଦ୍ର ଏବଂ ଗୋଟିଏ ବିଜ୍ଞାନ ଲାଇବ୍ରେରୀ ଖୋଲିବା ପାଇଁ ଜିଲା ପ୍ରଶାସନ ନିକଟରେ ସେ ଦାବି ଉପସ୍ଥାପନା କରିଥିଲେ। ଜିଲାରେ ୭.୫ କୋଟି ଟଙ୍କା ବ୍ୟୟରେ ଏକ ବିଜ୍ଞାନ କେନ୍ଦ୍ର ଖୋଲାଯିବ। ଏଥି ପାଇଁ ୫ଏକର ଜାଗା ଖୋଜା ଚାଲିଛି। ଏହି କେନ୍ଦ୍ରରେ ଏକ ଡିଜିଟାଲ ସାଇନ୍ସ ଲାଇବ୍ରେରୀ ସ୍ଥାପନ କରାଯିବ ବୋଲି ଜିଲାପାଳ କହିଛନ୍ତି। ପାଇଥିବା ଜ୍ଞାନ କୌଶଳକୁ ୟୁଟ୍ୟୁବ୍ ମାଧ୍ୟମରେ ପିଲାମାନଙ୍କୁ ଦେବାକୁ ଜିଲାପାଳ ବନୀତାଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆରପିଏଫ୍ କମାଣ୍ଡାଣ୍ଟ ରତନ କୁମାର ସିଂ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଡିଆରଡିଏ ପିଡି ରତ୍ନାକର ସାହୁ, ଆକ୍ସନଏଡ୍ ସହକାରୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର, ଘାସିରାମ ପଣ୍ଡା, ଜିଲା ସମାଜମଙ୍ଗଳ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଜିଲା ଶିଶୁ ସୁରକ୍ଷା ୟୁନିଟ୍ କିଶୋର ମାର୍ଥା ଉପସ୍ଥିତ ଥିଲେ।

# ଉଭୟ ବ୍ୟାଟେରି, ପେଟ୍ରୋଲରେ ଚାଲୁଛି ୨ଚକିଆ ଗାଡ଼ି

- ବ୍ୟାଟେରି ଚାର୍ଜରେ ଗଡୁଛି ୫୫ କି.ମି.
- ୬ ଦିନରେ ତିଆରିକଲେ ନବରଙ୍ଗପୁରର ଆକାଶ

ନବରଙ୍ଗପୁର, ୯।୨(ବି.ପ୍ର.)

ବାୟୁ ପ୍ରଦୂଷଣ ରୋକିବା ଓ ପେଟ୍ରୋଲ ଦରଦାମରୁ ବଞ୍ଚିବାପାଇଁ ଏବେ ଇଲେକ୍ଟ୍ରିକ୍ ସ୍କୁଟି(ବ୍ୟାଟେରି ଚାଳିତ)ର ବ୍ୟବହାର ଦିନକୁ ଦିନ ବଢ଼ିବାରେ ଲାଗିଛି। କିନ୍ତୁ ବ୍ୟାଟେରି ଗାଡ଼ି ନେଇ ଯାଉଥିବାବେଳେ ହଠାତ୍ ଚାର୍ଜ ସରିଯିବାର ଭୟ ମଧ ରହିଛି। ଏହାର ସମାଧାନ ସ୍ୱରୂପ ନବରଙ୍ଗପୁର ଦଶହରାପଦାସାହିର ସୁବାସ ଚନ୍ଦ୍ର ଜୈନଙ୍କୁ ପୁଅ ଆକାଶ (୩୧) ଏପରି ଏକ ଗାଡି ତିଆରି କରିଛନ୍ତି, ଯାହା ଉଭୟ ପେଟ୍ରୋଲ ଓ ବ୍ୟାଟେରିରେ ଚାଲିବ। ଏହାକୁ ତିଆରି କରିବାକୁ ତାଙ୍କୁ ୬ଦିନ ସମୟ ଲାଗିଛି। ଆକାଶ ଜଣେ ବ୍ୟବସାୟୀ। ହିରୋ କମ୍ପାନୀର ଏକ ପୁରୁଣା ସ୍କୁଟିକୁ ସେ ୨୫ ହଜାର ଟଙ୍କାରେ କିଣି ସେଥିରେ ୬୦ଭୋଲ୍ଟ ୩୦ ଏଏଚ୍ ଲିଥିୟମ ବ୍ୟାଟେରି, ୧୫ ଶହ ୱାଟ ମଟର, ହାଇବ୍ରିଡ କଣ୍ଟ୍ରୋଲର ଖଞ୍ଜିଛନ୍ତି । ବ୍ୟାଟେରି ସରିଲେ ଚାର୍ଜର ମାଧ୍ୟମରେ ଚାର୍ଜ ମଧ କରିହେବ। ଏ ନେଇ ସେ ୫୫ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି। ଗୋଟିଏ ଥର ଚାର୍ଜ କଲେ ୫୫ କିଲୋମିଟର ଗାଡି ଚାଲିପାରିବ। ଉକ୍ତ ବ୍ୟାଟେରିର ୱାରେଣ୍ଟି ୨ ବର୍ଷ। ଆବଶ୍ୟକ ସ୍ଥଳେ ବ୍ୟାଟେରି ୱାରେଣ୍ଟି ମଧ ଟଙ୍କା ଅନୁଯାୟୀ ବଢିପାରିବ। ପେଟ୍ରୋଲରେ ଗାଡି ଚଲାଇବା ବେଳେ ବ୍ୟାଟେରି ସୁଇଚ୍ ଅଫ୍ କରିବାକୁ ପଡିବ। କିନ୍ତୁ ୧୦ ନମ୍ବର ସାଇଜ୍ ଚକା ଯେଉଁ ସ୍କୁଟିରେ ରହିଛି, ସେଥିରେ ଏହିଭଳି ମୋଟର ଖଞ୍ଜିହେବ ବୋଲି ଆକାଶ କହିଛନ୍ତି। ବିଜୟ ସାରଥି ଦୋରାଙ୍କ ସହଯୋଗରେ ଏହି ଗାଡ଼ି ତିଆରି କରିଛନ୍ତି ବୋଲି ସେ କହିଛନ୍ତି। ଆଗକୁ ପେଟ୍ରୋଲ ଇଞ୍ଜିନ ସହିତ ବ୍ୟାଟେରି ମଧ ଚାର୍ଜ ହୋଇପାରିବା ସେହି ଭଳି ଗାଡି ପ୍ରସ୍ତୁତ କରିବେ ବୋଲି ଆକାଶ କହିଛନ୍ତି।



ଆକାଶ ଜୈନ।

